# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 July – 2026**

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀକ୍ଷେତ୍ର ଆଡପମଣ୍ଡପ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

— ବନକଲାଗି ନୀତି ପାଇଁ ରାତି ୯ଟାରୁ ୬ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ

- ମୌସୁମୀ ଅଧିବେଶନ ପୂର୍ବରୁ ସଂସଦ ଭବନରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

- ଶ୍ରୀଜୀଉଙ୍କ ଆଜି ହେଉଛି ରତ୍ନଅଳଙ୍କାର ଗଣତିମଣତି

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ୭ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

# ଶ୍ରୀଜୀଉଙ୍କ ଆଡପମଣ୍ଡପ ବିଜେ

ଶ୍ରୀକ୍ଷେତ୍ରରେ ଆଡପମଣ୍ଡପ ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଶୃଙ୍ଖଳିତ ନୀତିକାନ୍ତି ସହ ଆଜିଠାରୁ ଆଡପ ଅଭଡା ମିଳୁଛି।

ନବଦିନାତ୍ମକ ଯାତ୍ରାରେ ଯାଇ ଗତକାଲି ଶ୍ରୀଜୀଉମାନେ ଜନ୍ମବେଦୀକୁ ବିଜେ କରିଥିଲେ। ଆଜିଠାରୁ ଆଡପମଣ୍ଡପରେ ମହାପ୍ରଭୁଙ୍କ ଦୈନନ୍ଦିନ ସେବା ପୂଜା କରାଯାଉଛି। ଶ୍ରୀଜଗନ୍ନାଥ ମନ୍ଦିର ପରି ଏଠାରେ ମଧ୍ୟ ମଙ୍ଗଳ ଆଳତୀ, ମଇଲମ, ତପଡଲାଗି, ଅବକାଶ, ବେଶ, ଗୋପାଳବଲ୍ଲଭ ପୂଜା, ସକାଳ ଧୂପ, ଭୋଗମଣ୍ଡପ, ମହାସ୍ନାନ, ବଡସିଂହାର ବେଶ ରାତ୍ରପହୁଡ ଇତ୍ୟାଦି କରାଯିବ। ଆସନ୍ତାକାଲି ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ।

## ବନକଲାଗି ନୀତି

ଆଷାଢ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ରାତ୍ର ୯ ଘଟିକାରୁ ବିଳମ୍ବିତ ରାତ୍ର ୩ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମୌସୁମୀ ଅଧିବେଶନ-ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ ସଂସଦ ଭବନ ପରିସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ରାଜ୍ୟସଭା ନେତା ଜଗତ ପ୍ରକାଶ ନଡ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସରକାର ସଂସଦର ଉଭୟ ଗୃହକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡିଥିଲେ।

ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନ କାଳରେ ବିଭିନ୍ନ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆୟକର ସଂଶୋଧନ ବିଲ୍ ୨୦୨୬, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ଓ ଏଫ୍‌ସିଆରଏ ଏବଂ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପରେ ଆଲୋଚନା ହେବା ନେଇ ସରକାରଙ୍କ ପକ୍ଷରୁ ଜଣାପଡିଛି।

## ମାଣ୍ଡବୀୟ– ସନ୍‌ଡେ ଅନ୍ ସାଇକେଲ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଆଜି ନୂଆଦିଲ୍ଲୀଠାରେ ଆୟୋଜିତ 'ସଣ୍ଡେ ଅନ୍ ସାଇକେଲ୍'ର ୮୨ତମ ସଂସ୍କରଣରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଡକ୍ଟର ମାଣ୍ଡବୀୟ କହିଛନ୍ତି, ଏହି ପଦକ୍ଷେପ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ

ପରିବେଶ ପ୍ରତି ଦାୟିତ୍ୱବୋଧର ଏକ ଦୃଢ଼ ବାର୍ତ୍ତା ପ୍ରଦାନ କରୁଛି। ସାଇକେଲ ଚଲାଇବା ଏକ ଛୋଟ ପ୍ରୟାସ କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ପ୍ରତି ରବିବାର ସାଇକେଲ ଚଲାଇବା ପାଇଁ ୧ ଘଣ୍ଟା ସମୟ ଦେବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହିଭଳି ଅଭ୍ୟାସ ଜନସାଧାରଣଙ୍କୁ ସୁସ୍ଥ ରଖିବା ସହ ପ୍ରଦୂଷଣ ହ୍ରାସ କରିବା ଏବଂ ଦେଶର ଇନ୍ଧନ ସଞ୍ଚୟ କରିବାରେ ଯୋଗଦାନ ରଖିବ।

# ଅଳଙ୍କାର ଗଣତିମଣତି

ପୂର୍ବ ନିର୍ଦ୍ଧାରିତ ସମୟାନୁସାରେ ସରକାରଙ୍କର ମାର୍ଗଦର୍ଶିକା ଅନୁସାରେ ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆଜିଠାରୁ ପୁଣି ଥରେ ଆରମ୍ଭ ହୋଇଛି। ଗଣତି ମଣତି କାର୍ଯ୍ୟରେ ନିୟୋଜିତ ଏକ ଟିମ୍ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଛନ୍ତି। ଶ୍ରୀବିଗ୍ରହଙ୍କର ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣମା ଅବସରରେ ଓଲାଗି ହୋଇଥିବା ଅଳଙ୍କାରଗୁଡିକର ଗଣତିମଣତି ଆଜି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ମହାପ୍ରଭୁଙ୍କ ରାହୁ ରେଖା, ଝୋବା, ସୁନା ଚିତା, ରୂପା ରସିକ, ସୁନା ଥଣ୍ଟିଆର ଗଣତିମଣତି କାର୍ଯ୍ୟ ସହିତ ଥ୍ରୀ-ଡି ସ୍କାନିଂ କରାଯିବ। ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ତାରିଖ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯିବ

ବୋଲି ଜଣାପଡିଛି। ଗଣତି-ମଣତି ସମ୍ପର୍କରେ ରତ୍ନଭଣ୍ଡାର ସ୍ୱତନ୍ତ୍ର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ **ବିଶ୍ୱନାଥ ରଥ** କହିଛନ୍ତି....

**- V/O -**

ମହାପ୍ରଭୁଙ୍କ ନୀତିବହୁଳତା କାରଣରୁ ମେ' ମାସ ୨୩ ତାରିଖରୁ ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରର ଗଣତି କାର୍ଯ୍ୟ ସ୍ଥଗିତ ରହିଥିଲା।

# ମଙ୍ଗଳ ପାଣ୍ଡେ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଜୟନ୍ତୀ ଅବସରରେ ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ୧୮୫୭ ମସିହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ  ମଙ୍ଗଳ ପାଣ୍ଡେ ଅସୀମ ସାହସ ଓ ଦେଶପ୍ରେମର ପ୍ରତୀକ। ସ୍ୱଦେଶର ସ୍ୱାଭିମାନ ରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ପ୍ରଥମ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରିଥିଲେ। ଏହି ମହାନ୍ ବିପ୍ଳବୀଙ୍କ ବଳିଦାନ ଇତିହାସର ପୃଷ୍ଠାରେ ସଦାସର୍ବଦା ଅମର ହୋଇ ରହିବ। ଦେଶମାତୃକାର ସେବାର ତାଙ୍କର ତ୍ୟାଗ ଓ ନିଷ୍ଠା ପ୍ରତିଟି ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଭାବନା ଜାଗ୍ରତ କରୁଛି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ' ମଙ୍ଗଳ ପାଣ୍ଡେଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି,  ତାଙ୍କ ସାହସ ଓ ସର୍ବୋଚ୍ଚ ବଳିଦାନ ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରୁଛି। ତାଙ୍କର ଦେଶଭକ୍ତି ଓ ବୀରତ୍ୱ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ ନିର୍ଭୀକତା, ଅଦମ୍ୟ ଦେଶପ୍ରେମ ଓ ଅଟଳ ସମର୍ପଣ ଅସଂଖ୍ୟ ଦେଶଭକ୍ତଙ୍କୁ ପ୍ରେରଣା ଯୋଗାଇଥିଲା ।

## ଜନସ୍ୱାସ୍ଥ୍ୟ ବୈଠକ

**ଢ଼େଙ୍କାନାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୟ ମହାପାତ୍ର ଏଥିରେ ଯୋଗଦେଇ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ନିମନ୍ତେ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ପରିବେଶ ସଫା, ପାଣି ଜମୁଥିବା ସ୍ଥାନ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ । ଜ୍ୱର ହେଲେ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ପରୀକ୍ଷା କରିବା ସହିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ । ମ୍ୟାଲେରିଆକୁ ରୋକିବା ପାଇଁ ଗତ ମେ’ ମାସରେ ସର୍ଭେ କରାଯାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ମହଜୁଦ୍ ଥିବାବେଳେ ଆଶାକର୍ମୀଙ୍କ ପାଖରେ ମ୍ୟାଲେରିଆ ଟେଷ୍ଟ କିଟ୍ ରହିଥିବା ନେଇ ଶ୍ରୀ ମହାପାତ୍ର କହିଛନ୍ତି । ବୈଠକରେ ଟିବିର ନିରାକରଣ, ଆମ୍ବୁଲାନ୍ସ ସେବା, ଏଚ୍‌ପିଭି ଭ୍ୟାକ୍ସିନ୍ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଆଡପ ଦର୍ଶନ

**କେନ୍ଦ୍ରାପଡା**ର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ଗୁଣ୍ଡିଚା ମନ୍ଦିର ଆଡପମଣ୍ଡପରେ ଦେବଦର୍ଶନ ଆରମ୍ଭ ହୋଇଛି । ସକାଳୁ ବିଭିନ୍ନ ନୀତିକାନ୍ତି

ଶେଷ ହେବା ପରେ ଅପରାହ୍ଣ ସାଢେ ଗୋଟାଏରୁ ଆଡପ ଅଭଡା ବାହାରିଛି। ଆଡପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଆସନ୍ତାକାଲି ବିଳମ୍ବିତ ରାତିରେ ହେରାପଞ୍ଚମୀ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଅଧ୍ୟକ୍ଷ ନିଯୁକ୍ତି

ରାଜ୍ୟ ସରକାର ୮୦ଟି ବେସରକାରୀ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି । ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଆସନ୍ତାକାଲି ସୁଦ୍ଧା ନୂଆ କରି ନିଯୁକ୍ତି ହୋଇଥିବା ଅଧ୍ୟକ୍ଷମାନଙ୍କୁ ଯୋଗଦେବା ପାଇଁ କୁହାଯାଇଛି।

# ଆତ୍ମ-ପ୍ରଶିକ୍ଷଣ ଶିବିର

**ଭଦ୍ରକ** ଜିଲ୍ଲା ପୁରୁଣା ବଜାର ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ନାରୀ ଆତ୍ମରକ୍ଷା, ଆତ୍ମନିର୍ଭରଶୀଳତା ଓ ସଶକ୍ତୀକରଣ ଉପରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା।

# ଡ୍ରପ୍‌ଆଉଟ୍ ଛାତ୍ର

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍‌ର ୫ ହଜାରରୁ ଊର୍ଦ୍ଧ୍ୱ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ସରକାରଙ୍କ ଉଲ୍ଲାସ ଯୋଜନା ଅଭିଯାନରେ ସେମାନଙ୍କୁ ପଞ୍ଜୀକୃତ କରାଯିବା ସହ ଉଚ୍ଚଶିକ୍ଷାର

ସୁଯୋଗ ପ୍ରଦାନ କରାଯିବ। ଏଥିରେ ବ୍ଲକର ୧୯୫ ଜଣ ଶିକ୍ଷକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ଶିକ୍ଷକଙ୍କୁ ନିଜ ଅଂଚଳର ଅତି କମ୍‌ରେ ୧୦ ଜଣ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ପଞ୍ଜୀକରଣ କରାଇବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସମୀକ୍ଷା ବୈଠକ

**ନୂଆପଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ନୂଆପଡ଼ା, ଖଡିଆଳ ଓ ଖରିଆର ରୋଡ୍ ଏନ୍‌ଏସିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍‌ୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପ ସମ୍ପର୍କିତ ସମସ୍ତ ସୂଚନା ସମ୍ବଳିତ ଫଳକ ସ୍ଥାପନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପିଏମ୍‌ଏୱାଇ ୨.୦ ଅଧୀନରେ ୩ଟି ଏନ୍‌ଏସିରେ ମୋଟ ୮୨୬ଟି ଘର ମଞ୍ଜୁର କରାଯାଇଛି। ନିର୍ମାଣାଧୀନ ଘରଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆସନ୍ତାମାସ ୧୫ ତାରିଖ ସୁଦ୍ଧା ହିତାଧିକାରୀଙ୍କ ଗୃହପ୍ରବେଶ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସପ୍ତାହ ୨୪ ତାରିଖ ବେଳକୁ ରାଜ୍ୟର ଉତ୍ତରଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧମରୁ ପ୍ରବଳ ବର୍ଷା

ହୋଇପାରେ।   ଅନ୍ୟପକ୍ଷରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ନୂଆପଡା ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାର ଭାପୁରରେ ସର୍ବାଧିକ ୯୮ ଦଶମିକ ୩ ମିଲିମିଟର ବର୍ଷା ରେଡର୍କ କରାଯାଇଛି। ଚଳିତ ମୌସୁମୀରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରୀ ୪୬୩ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବୃଷ୍ଟିପାତଠାରୁ ୧୪ ପ୍ରତିଶତ ଅଧିକ। ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧ ଦଶମିକ ୯/୭ ଫୁଟ ରହିଛି। ୪ଟି ଗେଟ୍‌ଦେଇ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୬୪ ହଜାର ୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୯୧ ହଜାର ୭୮୮ ଘନଫୁଟ ଜଳ ନିଷ୍କାସିତ ହେଉଛି।